## ସଂକ୍ଷେପରେ

### ଜମି ଭାଗବଣ୍ଟାକୁ ନେଇ ହତ୍ୟା ଘଟଣା, ବଡ଼ଭାଇ ଗିରଫ

ଧରାକୋଟ,୧୧।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବଡଗଡ଼ ଥାନା ଅଧୀନ ଜଗନ୍ନାଥପୁର ଶାସନ ଗ୍ରାମରେ ଜମି ଭାଗବଣ୍ଟାକୁ ନେଇ ନିଲୁ ବିଷୋୟୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଟକ ଥିବା ନିଲୁଙ୍କ ବଡ଼ଭାଇ ଟୁଲୁ ବିଷୋୟୀଙ୍କୁ ପୋଲିସ ସୋମବାର ଗିରଫ କରିଛି। ପାରିବାରିକ କଳହକୁ ନେଇ ଅତ୍ୟଧିକ ମଦ୍ୟପାନ ପରେ ଦୁଇ ଭାଇଙ୍କ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା। ଏଥିରେ ନିଲୁଙ୍କ ମୃତ୍ୟୁ ଘଟିଥିଲା ବୋଲି ଟୁଲୁ ସ୍ୱୀକାର କରିଥିବା ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପ୍ରତାପୁର ଗ୍ରାମ ନିକଟ ଚୁନା ନାଳରୁ ନିଲୁଙ୍କ ମୃତଦେହ ଗତ ରବିବାର ବଡଗଡ ପୋଲିସ ଜବତ କରିଥିଲା। ସାନଭାଇକୁ ବଡ଼ଭାଇ ହତ୍ୟା କରିଥିବା ନିଲୁଙ୍କ ସ୍ତ୍ରୀ ମାମିନା ବିଷୋୟୀ ଅଭିଯୋଗ ଆଣିବା ପରେ ପୋଲିସ ନଂ.୫୪୧/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ବଡଗଡ ଥାନା ଅଧିକାରିଣୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଟୁଲୁଙ୍କୁ ପ୍ରତାପୁର ନିକଟରୁ ଗିରଫ କରାଯାଇଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭାଜପାର ବିକ୍ଷୋଭ

ଛତ୍ରପୁର,୧୧।୧୨(ସନ୍ତୋଷ ପାଢ଼ୀ )

'ସାହୁ ବଦର୍ସ ଆଣ୍ଡ କୋ' ଠୁଳ କରିଥିବା ୫୦୦ କୋଟିର କଳା ଟଙ୍କାକୁ ଆୟକର ବିଭାଗ ଜବତ କରିବା ଘଟଣାକୁ ନେଇ ରାଜନୀତି ତେଜିଛି। କଂଗ୍ରେସ ଏମ୍‌ପିଙ୍କ ଦ୍ୱାରା ଚାଲିଥିବା ମଦ ବ୍ୟବସାୟ ଉପରେ ଚଢ଼ାଉରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ବିଜେଡି ସରକାର ପ୍ରୋତ୍ସାହନରେ ଏତେ ପରିମାଣର କଳାଟଙ୍କା ଜମା ରଖାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି । ଏହା ପ୍ରତିବାଦରେ ଭାଜପା ପକ୍ଷରୁ ଛତ୍ରପୁରରେ ଗଞ୍ଜାମ ଜିଲା ଭାଜପା ସଭାପତି ସୁବାସ ସାହୁଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣା ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିଛି ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି।

### ନାରାୟଣପୁରରେ ଚକ୍ଷୁ ଚିକିତ୍ସା ଶିବିର

ଶେରଗଡ଼,୧୧।୧୨
(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ସ୍ଥିତ ଆଇକେୟାର ଡାକ୍ତରଖାନା ପକ୍ଷରୁ ଆୟୋଜିତ ଶିବିରରେ ଡା. ସାଗର ବେହେରା, ଡ. ଅଙ୍କିତା ସାହୁ, ଡ. ଅଜିତ ବାଡତ୍ୟା ପ୍ରମୁଖ ଉପସ୍ଥିତ ରହି ବହୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ମୋଟ ୧୭ ଜଣ ରୋଗୀଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ପଠାଯାଇଛି। ଭଗବାନ ଗୌଡ଼, ଫାର୍ମାସିଷ୍ଟ ଲକ୍ଷ୍ମଣ ପଲେଇ, ବବୁଲ ସେଠୀ, ଦୟାନିଧି ପଟ୍ଟନାୟକ ପ୍ରମୁଖ ଶିବିରକୁ ପରିଚାଳନା କରିଥିବା ବେଳେ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଇଥିଲା।

# ସରକାରୀ ଅନୁଦାନରୁ ବଞ୍ଚିତ ଛାତ୍ରୀଛାତ୍ର, ବିଇଓଙ୍କୁ ଘେରାଉ

ପୁରୁଷୋତ୍ତମପୁର,୧୧।୧୨(ସୀମାଞ୍ଚଳ ମିଶ୍ର)


ବିଇଓଙ୍କୁ ଘେରିଛନ୍ତି ଅଭିଭାବକ, ବ୍ୟବସାୟୀ ।

**ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟ**
- ୨ଟି ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ
- ପ୍ରଧାନ ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି

ପୁରୁଷୋତ୍ତମପୁରରେ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ୧୯୦୦ ମସିହାରେ ପ୍ରତିଷ୍ଠିତ ପୂର୍ବତନ ଜିଲା ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ଘୋର ଅନିୟମିତତା ଦେଖାଦେଇଛି। ଉକ୍ତ ବିଦ୍ୟାଳୟରେ ପିଲାମାନେ ଶିକ୍ଷାଦାନ ସହିତ ଗଙ୍ଗାଧର ମେହେର ଯୋଜନାରେ ପୋଷାକ, ଜୋତା ସହ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସୋମବାର ବିଇଓଙ୍କ କାର୍ଯ୍ୟାଳୟରେ ଅଭିଭାବକ ଓ ବ୍ୟବସାୟୀ ହୋହାଲ୍ଲା କରିଛନ୍ତି। ଏଠାର ପ୍ରଧାନ ଶିକ୍ଷକ ଦୁଇଦୁଇ ଗୋଟି ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ହେତୁ ଏଠାରେ ଏଭଳି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଥିବା ବେଳେ ୨୪୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ଲାଗି ୮ ଜଣ ଶିକ୍ଷକଙ୍କ ଆବଶ୍ୟକ ଥିବା ବେଳେ ମାତ୍ର ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ଶିକ୍ଷକ ରହିଥିଲେ। ଏହି ବିଦ୍ୟାଳୟର ଯୋଗ୍ୟତା ଓ ନିୟମ ପ୍ରକାରେ ପ୍ରଧାନ ଶିକ୍ଷକ ନିରାକାର ନାୟକ ଲେବେଲ ୩ କେଟୋଗୋରି ନଂ ୧ ଶିକ୍ଷକ ଭାବେ ରହିଥିଲେ। ମାତ୍ର ବ୍ଲକ ଶିକ୍ଷାଧିକାରୀ ନିରାକାରଙ୍କୁ ବେନିୟମ ଭାବରେ ଗତ ୧୩.୯.୨୦୨୨ ତାରିଖରେ ଶାସନପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରିନେଇଛନ୍ତି। ଯାହାକି ଶାସନ ପଲ୍ଲୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଥିବା ବେଳେ ୧୦୪ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ଲାଗି ୫ ଜଣ ଶିକ୍ଷକ ବର୍ତ୍ତମାନ ରହିଛନ୍ତି। ଏହି ସ୍କୁଲରେ ଜଣେ ଗ୍ରାଜୁଏଟ ଲେବଲ ୩ କେଟୋଗୋରି ୨ର ପ୍ରଧାନ ଶିକ୍ଷକ ରହିବାର ଯୋଗ୍ୟତା ରହିଥିବା ବେଳେ ନିରାକାରଙ୍କ ଏହି ଶାସନପଲ୍ଲୀ ସ୍କୁଲରେ ପ୍ରଧାନ ଶିକ୍ଷକ ରୁପେ ରହିବାର ଯୋଗ୍ୟତା ନାହିଁ। ମାତ୍ର ଏହା ସତ୍ତ୍ୱେ ତାଙ୍କୁ ଡେପୁଟେସନରେ ନେଇ ପ୍ରଧାନଶିକ୍ଷକ ଭାବରେ ନିୟୋଜିତ କରିଛନ୍ତି। ନିରାକାର ମଧ ପଦବୀ ମୋହରେ ଶାସନପଲ୍ଲୀ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ରହିଥିବାର ଅଭିଯୋଗ ହୋଇଛି। ନିରାକାର କାଗଜପତ୍ରରେ ଏହି ଜିଲା ବୋର୍ଡ ସ୍କୁଲର ପ୍ରଧାନ ଶିକ୍ଷକ ରୁପେ ସମସ୍ତ ସରକରୀ ସୁବିଧା ଓ ଦରମା ପାଉଛନ୍ତି। ମାତ୍ର ଏଠାକୁ ଶିକ୍ଷାଦାନ ଲାଗି ଆଦୌ ଆସୁନାହାନ୍ତି। ଏପରିକି ସେ ଦୁଇଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁପେ ରହି ସମସ୍ତ ଅର୍ଥ କାରବାର କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଗଙ୍ଗାଧର ମେହେର ଯୋଜନାରେ ବ୍ୟାଙ୍କ ପାସବୁକ ଖୋଲାଯାଇନଥିବା ହେତୁ ସରକାର ଛାତ୍ରଙ୍କ ପିଛା ଦେଉଥିବା ଏକ ହଜାର ଟଙ୍କା ଲେଖାଏ ଅନୁଦାନ ଆସିନପାରି ପିଲାଏ ଟ୍ରାକସୁଟ, ବୁଟ, ସକ୍ସ, ଟୋପି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ମଧାହ୍ନ ଭୋଜନ ଲାଗି ୨.୧୧.୨୦୨୨ ଠାରୁ ୩୧.୮.୨୦୨୩ ଯାଏ କବିରାଜ ବେହେରା ଅଣ୍ଡା ଯୋଗାଇଥିଲେ ସୁଦ୍ଧା ସେ ତାହାର ପ୍ରାପ୍ୟ ପାଇନପାରି ଶିକ୍ଷାଧିକାରିଙ୍କ ଠାରେ ଫେରାଦ ହୋଇଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ କିଶୋର କୁମାର ବେହେରା କହିଛନ୍ତି ଯେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଏହି ପ୍ରଧାନ ଶିକ୍ଷକଙ୍କ ଡେପୁଟେସନ କରିଛନ୍ତି। ଉକ୍ତ ପ୍ରଧାନ ଶିକ୍ଷକଙ୍କ ଏହି ବିଦ୍ୟାଳୟରେ ରହିବାର ଯୋଗ୍ୟତା ରହିଛି। ମାତ୍ର ଶାଶନପଲ୍ଲୀ ସ୍କୁଲରେ ପ୍ରଧାନ ଶିକ୍ଷକ ରୁପେ ରହିବାର ଯୋଗ୍ୟତା ନାହିଁ ଓ ଏକ୍ସବୋର୍ଡରେ ଶିକ୍ଷକ ଅଭାବରୁ ନିରାକାର ନାୟକଙ୍କ ଡେପୁଟେସନ ବାତିଲ କରି ଫେରାଇ ଆଣିବା ଲାଗି ଜିଲା ଶିକ୍ଷାଧିକାରୀଙ୍କୁ ଜଣାଯାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଇ ନାହିଁ। ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ନିରାକାର କହିଛନ୍ତି ଯେ, ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ରହିଥିବାରୁ ଶାସନପଲୀକୁ ପଳାଇଛି। ଏଣୁ ଜିଲାପାଳ ଜିଲା ଶିକ୍ଷାଧିକାରୀ ଓ ଗଣ ଶିକ୍ଷା ବିଭାଗ ତୁରନ୍ତ ପ୍ରଧାନ ଶିକ୍ଷକ ନାୟକଙ୍କୁ ଫେରାଇ ଆଣିବା ସହ ସମାସ୍ୟାର ସମାଧାନ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

## ହିଲଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ମୋହନା,୧୧।୧୨(ମନ୍ମଥ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ନୂଆ ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ମୋହନା ସ୍ଥିତ ହିଲ୍‌ଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମହା ଆଡମ୍ବର ସହିତ ପାଳନ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟାପକ ତଥା ସାମାଜିକ କାର୍ଯ୍ୟାବଳୀ ସଂଯୋଜକ ଡକ୍ଟର ଅନ୍ତର୍ଯ୍ୟାମୀ ଗୌଡ଼ ଓ ନୋଡ଼ାଲ ଅଧିକାରୀ ଅନୀଲ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହଯୋଗୀ ନୀଳମାଧବ ସାହୁ, ଶ୍ରୀକାନ୍ତ ମାଦଳା ଓ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ମୋହନା ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ, ମୋହନା ସରପଞ୍ଚ ସୁନିତା ମଳିକ, ସମିତିସଭ୍ୟ ବାଳକୃଷ୍ଣ ମଳିକ, ପିଣ୍ଡିକି ସରପଞ୍ଚ ରାଜ କିଶୋର ମଳିକ, ସମିତିସଭ୍ୟ ରମେଶ ବିଷୋୟୀ, ଡିସିପିଓ ଅରୁଣ କୁମାର ତ୍ରିପାଠୀ, ଓକିଲ ଦୁର୍ଯ୍ୟୋଧନ କରଡ଼ା, ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ, ମାର୍ଶାଲ ନାୟକ ଓ ଭଗବାନ ବିଶୋଇ, ଅନିଲ କୁମାର ତ୍ରିପାଠୀ, ଶ୍ରୀକାନ୍ତ କୁମାର ମାଦଳା, ଗୋପାଳ ଚନ୍ଦ୍ର ପଟ୍ଟନାୟକ, କାମାକ୍ଷା ପ୍ରସାଦ ପଟ୍ଟନାୟକ, ନୀଳମାଧବ ସାହୁ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟ ଗଠନରେ ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ଦାରିଙ୍ଗବାଡ଼ି/ଜି. ଉଦୟଗିରି,୧୧।୧୨
(ଅରୁଣ ସାହୁ/ ଶିଶିର ପଟ୍ଟନାୟକ)

'କଠିନ ପରିଶ୍ରମର ବିକଳ୍ପ ନାହିଁ' ଯୁବ ଅବସ୍ଥାରେ ଅମାପ ଶକ୍ତି ଥାଏ। ତେଣୁ ଛାତ୍ରୀମାନେ ମନେରଖିବା ଆବଶ୍ୟକ ଆପଣମାନେ ଭଲ ମଣିଷ ହେବା ସହ ଭଲ ପାଠ ପଢି ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଆଦିରେ ସଫଳ ହେବା ପାଇଁ ବିଧାନସଭା ଉପ ବାଚସ୍ପତି ସାଲୁଗା ପ୍ରଧାନ ଜି. ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକଳାପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଯୋଜନାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଜିର ଯୁବ ପିଢ଼ି ଆସନ୍ତା ଦିନରେ ସେମାନେ ଭବିଷ୍ୟତ ସେମାନଙ୍କ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ରହିଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପିକା ତଥା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁଧାରାଣୀ ପାତ୍ର, ମଞ୍ଚ ପରିଚାଳନାରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶିଶିର ପଟ୍ଟନାୟକ, ବିଡିଓ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷା ସନ୍ତୋଷ କୁମାର ବାଘ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷା ଏନ. ଲୁକ, ଅଧ୍ୟାପିକା ଡ. ବବିତାରାଣୀ ପଟ୍ଟନାୟକ, ତତ୍କାଳ ସେନା ଅଧିକାରୀ ଭୀମସେନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଆଦି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପଥର ମାଡ଼ରେ ବୃଦ୍ଧାଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

ଆସିକା,୧୧।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମାମୁଁଡିହ ଗ୍ରାମରେ ରବିବାର ପାରିବାରିକ କଳହରୁ ପଥର ମାଡ଼ରେ ଗୁରୁତର ଆହତ ହୋଇଥିବା ଜଣେ ବୃଦ୍ଧାଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ କୁନ୍ତଳା ନାୟକ (୮୫) । ଏହି ଘଟଣାରେ ପୋଲିସ ସେହି ଗ୍ରାମର ଅଭିଯୁକ୍ତ ମୁନା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଛି। ଏ ନେଇ ଆସିକା ଥାନାରେ ୭୫୪/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସ୍ୱରୂପ କିସନ ସୂଚନା ଦେଇଛନ୍ତି।

## ଆମ ଓଡ଼ିଶା, ନବୀନ ଓଡ଼ିଶା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୧।୧୨(ଗିରିଧାରୀ ପରିଚ୍ଛା)

ଗୁମ୍ମା ବ୍ଲକ ଅନ୍ତର୍ଗତ ଉଖୁରା ଓ ତରଭା ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମରୀୟମ ରଇତ, ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ଯୁବ ବିଜେଡି ସଭାପତି ଏସ୍ ଲିଙ୍ଗରାଜ, ଯୁବନେତା ରୂପେଶ ପାଣିଗ୍ରାହୀ, ଆମ ଓଡ଼ିଶା, ନବୀନ ଓଡ଼ିଶା ସଂଯୋଜକ ୟାଇ ରାମ ଚନ୍ଦ୍ର ରାଓ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲା ଯୋଜନା କମିଟି ସଦସ୍ୟ ନିର୍ବାଚନ
# ୩ ପ୍ରାର୍ଥିପତ୍ର କାଏମ

ଛତ୍ରପୁର,୧୧।୧୨(ଦିଲୀପ ସାମଲ):

ଗଞ୍ଜାମ ଜିଲା ଯୋଜନା କମିଟିର ବଳକା ଥିବା ୩ଟି ସଦସ୍ୟ (ସହରାଞ୍ଚଳ) ପଦବୀ ନିମନ୍ତେ ଗତ ୮ ତାରିଖରେ ୩ ଜଣ ନାମାଙ୍କନପତ୍ର କରିଥିଲେ। ପୋଲସରା ଏନ୍‌ଏସି ୧୭ନଂ. ୱାର୍ଡର ସନ୍ତୋଷ କୁମାର ବେହେରା, ବେଲଗୁଣ୍ଠା ଏନଏସି ୨ ନଂ. ୱାର୍ଡର ଦିବ୍ୟରଞ୍ଜନ ଦାସ ଓ ବ୍ରହ୍ମପୁର ମହାନଗର ନିଗମର ୩୬ନଂ. ୱାର୍ଡର ସୋନାଲୀ ଗନ୍ତାୟତ ନାମାଙ୍କନ ପତ୍ର ଦାଖଲ କରିଥିଲେ ବୋଲି ଉପନିର୍ଦ୍ଦେଶକ (ଯୋଜନା ଓ ସମନ୍ୱୟ) ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ଯାଞ୍ଚ ପରେ ସମସ୍ତଙ୍କ ନାମାଙ୍କନପତ୍ର କାଏମ ରହିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ଯାଇଛି । ଗଞ୍ଜାମ ଜିଲା ଯୋଜନା କମିଟି ୨୦ ସଦସ୍ୟକୁ ନେଇ ଗଠିତ। ପୂର୍ବରୁ ୧୭ ଜଣ ସଦସ୍ୟ ଚୟନ ହୋଇଯାଇଥିବାରୁ ଏନଏସି, ମ୍ୟୁନିସିପାଲିଟି ଓ ମହାନଗର ନିଗମ ମଧ୍ୟରୁ ୩ ଜଣ ପାଇଁ କମିଟି ସଦସ୍ୟ ପାଇଁ ବଳକା ରହିଥିଲା। ୩ଟି ପଦବୀ ମଧ୍ୟରୁ ଗୋଟିଏ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା।

# ଗଜପତି ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା



ପାରଳାଖେମୁଣ୍ଡି,୧୧।୧୨(ଗିରିଧାରୀ ପରିଚ୍ଛା)

ଗଜପତି ମହୋତ୍ସବ ୨୦୨୩ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଉତ୍ସବକୁ ଅତି ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ବିଗୁଲ ବାଜିଛି, ପରମ୍ପରା ଅନୁସାରେ ମହେନ୍ଦ୍ରଗିରି ଶିଖରରୁ ମଶାଲ ଅଣାଯାଇଛି। ସୋମବାର ମଶାଲଟି ଜିଲାର ବିଭିନ୍ନ ବ୍ଲକ ବୁଲି ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିବା ସମୟରେ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣ ଭବ୍ୟ ସ୍ୱାଗତ କରିଥିଲେ। ଏହା ପରେ ଏକ ବିରାଟ ପଟୁଆରରେ ମଶାଲକୁ ଆଣି ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରେ ରଖାଯାଇଥିଲା । ଆସନ୍ତା ୧୯ତାରିଖରୁ ପାଞ୍ଚଦିନ ଧରି ସଦର ମହକୁମାଠାରେ ଉତ୍ସବ ପାଳନ ହେବବୋଲି ସୂଚନା ଦେଇଛନ୍ତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ଏହି ସ୍ୱାଗତ ଉତ୍ସବରେ ଅତିରିକ୍ତ ଜିଲାପାଳ ଡ. ଗୁଣନିଧି ନାୟକ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# ସମିତି ସଭ୍ୟାସଭ୍ୟଙ୍କ ପଞ୍ଚାୟତ ସମିତି ବୈଠକକୁ ବିରୋଧ

ଫିରିଙ୍ଗିଆ,୧୧।୧୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକର ସମିତି ସଭ୍ୟାସଭ୍ୟଙ୍କ ବୈଠକରେ ଜିଲା ସଭାପତି ବୈଦ୍ୟନାଥ ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ବ୍ଲକ ସଭାପତି ପଞ୍ଚାନନ ଦିଗାଲଙ୍କ ନେତୃତ୍ୱରେ ବାର ଦଫା ଦାବି ନେଇ ସମିତି ସଭ୍ୟସଭ୍ୟାମାନେ କିଛି ସମୟ ପାଇଁ ହୋ ହେଲା କରିଥିବା ସହ ବୈଠକକୁ ବନ୍ଧ କରିଥିବା ସୂଚନା ମିଳିଛି। ବୈଠକରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର ଉପ ସଭାପତି ମାନସୀ କହଁର, ଜିଲା ସହ ସମ୍ପାଦକ ବିରଞ୍ଚି ମଲ୍ଲିକ, ସମ୍ପାଦକ ମୌସୁମୀ ପ୍ରଧାନ, ସହ ସମ୍ପାଦକ ବୈରାଗୀ କହଁର ଓ କାର୍ଯ୍ୟକାରୀ କମିଟିର ଉପଦେଷ୍ଟାଙ୍କ ସହିତ ସମସ୍ତ ପଞ୍ଚାଯତର ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ପାତ୍ରପୁରବାସୀ

ଛତ୍ରପୁର,୧୧।୧୨(ସନ୍ତୋଷ ପାଢ଼ୀ)

**ଜିଲାପାଳଙ୍କୁ ଭେଟିଲା ଆମ ଆଦମୀ ପାର୍ଟି**


ଜିଲାପାଳଙ୍କ ସହ ସମସ୍ୟା ଆଲୋଚନା କରୁଛନ୍ତି।

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଜନସାଧାରଣ ମୌଳିକ ସୁବିଧା ପାଣି, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ ଓ ଆବାସ ଆଦି ସେବାରୁ ବଞ୍ଚିତ ହେଉଥିବା ଆମ୍ ଆଦମୀ ପାର୍ଟି ଅଭିଯୋଗ କରିଛି। ଏହି ସମସ୍ୟାର ସମାଧାନ ଦାବି ନେଇ ପାର୍ଟିର ସଦସ୍ୟମାନେ ସୋମବାର ଛତ୍ରପୁରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁର ତହସିଲରେ ଅତିରିକ୍ତ ତହସିଲ ଅଧିକାରୀଙ୍କ ସ୍ଥାୟୀ ନିଯୁକ୍ତି, ବାହୁଦା ନଦୀରୁ ପାତ୍ରପୁର ବ୍ଲକ (ହେଡ୍ କ୍ୱାଟର୍) ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ପାତ୍ରପୁରକୁ ଏନ୍‌ଏସି ମାନ୍ୟତା, ପାତ୍ରପୁର ସିଏଚସିରେ ଅଲ୍ଟ୍ରାସାଉଣ୍ଡ ମେଶିନ୍ ସ୍ଥାପନ, ସିଏଚ୍‌ସିରେ ଚକ୍ଷୁ ୟୁନିଟ୍ ନିୟମିତ ଖୋଲିବା ଓ ଚକ୍ଷୁ ସହାୟକଙ୍କ ନିୟମିତ ନିଯୁକ୍ତି, ଶିଶୁ, ଅର୍ଥୋପେଡିକ୍ ଓ ସର୍ଜରୀ ବିଶେଷଜ୍ଞଙ୍କ ନିୟମିତ ନିଯୁକ୍ତି, ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ବୁରାତଳ ପଞ୍ଚାୟତର ୩ ଆଦିବାସୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଓ ଗୁରୁତରଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଦେବା, ଇନ୍ଧନ ଗ୍ୟାସ ବିତରକ ସ୍ଥାପନ, ପୋଲିସ ଆଉଟ୍ ପୋଷ୍ଟର ସ୍ଥାପନ ଏବଂ ଗରିବ ଏବଂ ଅଭାବୀ ଲୋକଙ୍କୁ ମଧୁବାବୁ ପେନସନ ଓ ଆବାସ ଯୋଗାଇ ଦେବାକୁ ଦାବି ଉଲ୍ଲେଖ କରାଯାଇଛି। ଆମ୍ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ୍ଡୀ, ପାତ୍ରପୁର ବ୍ଲକ ସଭାପତି ରବୀନ୍ଦ୍ର ସାହୁ, ଭେଙ୍କଟ ରେଡ୍ଡୀ, ଭେଙ୍କଟ ରାଓ, ଗଞ୍ଜାମ ଜିଲା ସମ୍ପାଦକ ଆଦିତ୍ୟ ନାରାୟଣ ରଥ, ବ୍ରହ୍ମପୁର ନଗର ସଭାପତି ସି. ହରପ୍ରସାଦ, ସୁକାନ୍ତ ପାଣିଗ୍ରାହୀ, ଜିଲା ଯୁବ ସଭାପତି ପି. ନୀଳକଣ୍ଠ ରେଡ୍ଡୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ବଟି ନ ଦେବାରୁ ଆକ୍ରମଣ ଘଟଣା, ୨ ଗିରଫ

ଛତ୍ରପୁର,୧୧।୧୨(ଦିଲୀପ ସାମଲ):

ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମରେ ଦେଶୀ ମଦ ଦୋକାନ ସେଲ୍ସ ମ୍ୟାନ ଲିଲୁ ସାହୁଙ୍କୁ ବଟି ମାଗିବା ସହ ଆକ୍ରମଣ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସୁନ୍ଦରପୁର ଗ୍ରାମର ଅନିଲ ମଣ୍ଡଳ ଓ ବିକାଶ ମଣ୍ଡଳ। ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ଖଣ୍ଡା, ଠେଙ୍ଗା ଓ ୧୦ ହଜାର ଟଙ୍କା ଜବତ କରିଛି। ପ୍ରକାଶ ଯେ, ମଦ ଦୋକାନରେ ସେଲ୍ସ ଲିଲୁ ସାହୁଙ୍କୁ ଅଭିଯୁକ୍ତମାନେ ବଟି ମାଗିଥିଲେ । ଲିଲୁ ମନା କରିବାରୁ ତାଙ୍କୁ ଆକ୍ରମଣ କରିବା ସହ ୧୦ ହଜାର ଟଙ୍କା ଛଡାଇ ନେଇଥିଲେ । ଏହି ଘଟଣାକୁ ନେଇ ଦୋକାନ ମାଲିକ ଜେ. ଚେନ୍ନାୟ ରେଡି ଥାନାରେ ଅଭିଯୋଗ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା

ରାଇକିଆ,୧୧।୧୨ (ପ୍ରଦୀପ ବେହେରା)



ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୋମବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ତରଫରୁ ଆୟୋଜିତ ଏହି ସାମାଜିକ ସଚେତନତା ରାଲିରେ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ସଡକ ସୁରକ୍ଷା, ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ, ନିଶା ନିବାରଣ, ବାଲ୍ୟ ବିବାହ, ଅନ୍ଧବିଶ୍ୱାସ ଓ କୁସଂସ୍କାର, କନ୍ୟା ସନ୍ତାନ ଓ ଭ୍ରୁଣ ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ବୃଦ୍ଧି ପାଉଥିବା ବେଳେ ଏହାର ପ୍ରତିକାର ପାଇଁ କିଭଳି ପଦକ୍ଷେପ ନିଆଯାଇ ପାରିବ ସେ ନେଇ ସଚେତନ କରାଇଥିଲେ । ପ୍ରଫେସର ପ୍ରଭାକର ରାଜୁ ଓ ଉମାକାନ୍ତ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭାବେ ଯୁକ୍ତ ୩ ପାଇଁ ପ୍ରଫେସର ବେଣୁପାଣି ମହାପାତ୍ର ଓ ଯୁକ୍ତ ୨ ପାଇଁ ପ୍ରମୋଦ ନାୟକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପକ ବିଶ୍ୱବିହାରୀ ଦଳାଇ, ସନ୍ତୋଷ ନାୟକ, ସୁକାନ୍ତ ନାୟକ, ଫିରଦୋଷୀ ପ୍ରଧାନ, ସସ୍ମିତା ଲୋହାର ସହଯୋଗ କରିଥିଲେ।

**ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା'କାର୍ଯ୍ୟକ୍ରମ ଆଧାରରେ ଆୟୋଜିତ ହୋଇଛି। ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସହର ପରିକ୍ରମା କରି ସ୍ଥାନୀୟ ବି ଏନ୍ ପ୍ୟାଲେସ ପରିସରରେ ପହଞ୍ଚିଥିଲା। ଏଥିରେ ନୋଡାଲ ଅଧିକାରୀ ପୁଲକ ଚନ୍ଦ୍ର ଫିଲିପ, ସାମାଜିକ କର୍ମୀ ତଥା ଭୂଗୋଳ ବିଭାଗ ସହକାରୀ ପ୍ରଫେସର ଡ. ଏସ୍ ଟି ରେହେମାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସୋରଡ଼ା**

- ଦିବ୍ୟାଙ୍ଗ ଚିହ୍ନଟ ଶିବିର ପ୍ରସ୍ତୁତି ବୈଠକ। ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ସମୟ -ପୂର୍ବାହ୍ନ ୧୧ଟା।
- ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପନୀ। ସ୍ଥାନ-ପିସିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ସମୟ-ସକାଳ ୯ ଟା।
- ଯୁବ ବିକାଶ କ୍ରୀଡ଼ା ପ୍ରତିଯୋଗିତା। ସ୍ଥାନ-ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ସମୟ -ସକାଳ ୯ ଟା।

**ଆସିକା**

- ଜିଲାସ୍ତରୀୟ ବିଜ୍ଞାନ ମେଳା। ସ୍ଥାନ-ହରିହର ହାଇସ୍କୁଲ। ସମୟ-ପୂର୍ବାହ୍ନ ୧୧ଟା।

# କୃଷକଙ୍କୁ ନ୍ୟାୟ ଦାବିରେ ସ୍ମାରକପତ୍ର ପ୍ରଦାନ

ବ୍ରହ୍ମପୁର,୧୧।୧୨ (ସ୍ମୃତି ରଞ୍ଜନ ମହାଲିକ)

ସଂଯୁକ୍ତ କିଷାନ ମୋର୍ଚ୍ଚା ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦେଶରେ କଳା କୃଷି ଆଇନ ପ୍ରତ୍ୟାହାର ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ଦିଲ୍ଲୀ ପ୍ରବେଶ ଦ୍ୱାରରେ ବିଭିନ୍ନ କୃଷକ ସଂଘ ପକ୍ଷରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରି ରଖିବା ପରେ କେନ୍ଦ୍ର ସରକାର ଆଇନକୁ



ସ୍ମାରକପତ୍ର ଦେବାକୁ ଆସିଥିବା କିଷାନ ମୋର୍ଚ୍ଚାର ସଦସ୍ୟମାନେ ।

ପ୍ରତ୍ୟାହାର କରିଥିଲେ। ଆନ୍ଦୋଳନ ସମୟରେ କେତେକ କୃଷକ ଓ କୃଷକ ନେତାଙ୍କ ବିରୋଧରେ ବିଭିନ୍ନ ଥାନାରେ ୮୬ଟି ମାମଲା ରୁଜୁ ହୋଇଥିଲା। ଆନ୍ଦୋଳନ ପରେ କେନ୍ଦ୍ର ସରକାର କୃଷକଙ୍କ ବିରୋଧରେ ରହିଥିବା ମାମଲାକୁ ଖାରଜ କରିବା ପାଇଁ ଗୃହ ବିଭାଗ ଜରିଆରେ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଘଟଣାକୁ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ବି କୃଷକ ନେତାଙ୍କୁ ଥାନାରୁ ଡାକରା ଆସୁଥିବା ମୋର୍ଚ୍ଚା ଅଭିଯୋଗ କରିଛି। ତେଣୁ କୃଷକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ମୋର୍ଚ୍ଚା ଦାବି କରିଛି। ସ୍ମାରକପତ୍ର ପ୍ରଦାନ ବେଳେ କୃଷକ ନେତା ପି. ହରିକୃଷ୍ଣ ରେଡ୍ଡି, କୈଳାସ ଷଡଙ୍ଗୀ, ନୀଳକଣ୍ଠ ଦାସ ଓ ଅବନୀ କୁମାର ଗୟାଙ୍କ ସମେତ ମୋର୍ଚ୍ଚାର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ପାର୍ଥସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୧୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

୨୦୨୦ରେ ଜଣେ ନାବାଳକଙ୍କ ସହ ଜଣେ ଯୁବକ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୋମବାର ଉକ୍ତ ମାମଲାର ଶୁଣାଣି ହୋଇଛି। ଆଡହକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ସୋମବାର ଉକ୍ତ ମାମଲାର ବୃତ୍ତାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ପିଣ୍ଟୁ ବିଷୋୟୀ(୨୫)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୧୦ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ପିଣ୍ଟୁ କୋର୍ଟରେ ଦାଖଲ କରିବାକୁ ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।
ପ୍ରକାଶ ଯେ, ୨୦୨୦ ଅକ୍ଟୋବର ୩୧ରେ ପିଣ୍ଟୁ ବିଷୋୟୀ ଜଣେ ୮ ବର୍ଷର ନାବାଳକଙ୍କୁ ବଳପୂର୍ବକ ଗାଁ ମୁଣ୍ଡରେ ଥିବା ଏକ ମନ୍ଦିର ନିକଟକୁ ନେଇଥିଲେ। ସେଠାରେ ସେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ପ୍ରତିବାଦ କରିବାରୁ ଯୁବକ ଜଣଙ୍କ ତାଙ୍କ ତଣ୍ଟି ଚିପି ହତ୍ୟା କରିବାକୁ ଧମକ ଦେଇଥିଲେ। ସେଠାରୁ କୌଶଳକ୍ରମେ ନାବାଳକ ଜଣଙ୍କ ଘରକୁ ଫେରି ଆସି ତାଙ୍କ ଅଜାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ପୁରୁଷୋତ୍ତମପୁର ଥାନାରେ ଏ ନେଇ ପୀଡିତ ଜଣଙ୍କ ତାଙ୍କ ଥାନାରେ ବୟାନ ଦେଇଥିଲେ। ପୋଲିସ ନଂ. ୨୯୬/୨୦ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ପିଣ୍ଟୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଶ୍ରୀନିବାସ ଦାସ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଗିରଫ ଠାରୁ ପିଣ୍ଟୁ ଆଜିଯାଏଁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଉକ୍ତ ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଜଜ୍ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଗେଟ୍‌ବଜାରରୁ ଫାଷ୍ଟଗେଟ୍ ରାସ୍ତା ବିନାୟକ ଆଚାର୍ଯ୍ୟ ମାର୍ଗ କରିବାକୁ ଦାବି

ବ୍ରହ୍ମପୁର,୧୧।୧୨ (ତନୁଶ୍ରୀ ନାହାକ)

ପୂଜ୍ୟପୂଜା ସମିତି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ୪୧ତମ ତିରୋଧାନ ଦିବସ ସୋମବାର ଆସ୍କାରୋଡ଼ ସ୍ଥିତ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଏଥିରେ ସଭାପତି ବଂଶୀଧର ଭୂୟାଁ ଅଧକ୍ଷତା କରିଥିଲେ। ଉପସ୍ଥିତ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବିନାୟକ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ୱର୍ଗତ ଆଚାର୍ଯ୍ୟଙ୍କ ଜୀବନୀ ବିଷୟରେ କହିଥିଲେ। ସ୍ମୃତି ସଭାରେ ସରକାରୀ ସ୍ତରରେ ତାଙ୍କ ଜୟନ୍ତୀ ଓ ତିରୋଧାନ ଦିବସକୁ ପାଳନ କରାଯିବା, ଗେଟ ବଜାର ଛକଠାରୁ ଫାଷ୍ଟ ଗେଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ବିନାୟକ ମାର୍ଗ ଘୋଷଣା କରିବା, ବିନାୟକ ଆଚାର୍ଯ୍ୟଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସମିତି ପକ୍ଷରୁ ଦାବି ହୋଇଛି। ସଭାରେ ଏସ.ସକ୍ଷମଶିବା ରାଓ, ରବି ରଥ, ପ୍ରଦୀପ କୁମାର ସେଠୀ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ସୁବାସ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅଶୋକ ଦଳାଇ, ମନୋଜ ତରାଇ, ଗୋବିନ୍ଦ ନାୟକ, ରାଜେନ୍ଦ୍ର ପଣ୍ଡା, ଶିବ ପ୍ରସାଦ ମିଶ୍ର, ଗଗନ ଚନ୍ଦ୍ର ମଲ୍ଲିକ, ଜଗନ୍ନାଥ ପାଢ଼ୀ, ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀ, ଶ୍ୱଶୁରଘର ବିପକ୍ଷରେ ହତ୍ୟା ଧମକ ଅଭିଯୋଗ

ବ୍ରହ୍ମପୁର, ୧୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ରୁବି ଚକ୍ଷୁ ଚିକିତ୍ସାଳୟ ନିକଟ ଭୈରବୀ ନଗରର ଶ୍ରୀବନ୍ତ କୁମାର ଆଚାର୍ଯ୍ୟଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ନାନାପ୍ରକାର ଧମକ ଦେଉଥିବା ଅଭିଯୋଗ ହୋଇଛି। ସେମାନେ ତାଙ୍କୁ ଲକ୍ଷାଧିକ ଟଙ୍କା ମାଗିବା ସହ ହତ୍ୟା ଧମକ ଦେଉଥିଲେ। ଏହାର ସମାଧାନ ପାଇଁ ସ୍ତ୍ରୀ'ଙ୍କୁ ଶ୍ରୀବନ୍ତ ବୁଝାଶୁଝା କରିଥିଲେ। ହେଲେ ସେମାନେ ଶ୍ରୀବନ୍ତଙ୍କ ବିରୋଧରେ ଥାନାରେ ମିଛ ଅଭିଯୋଗ କରି ଜେଲ ପଠାଇ ଦେବାକୁ ଧମକ ଦେଇଥିଲେ। ତେଣୁ ଶ୍ରୀବନ୍ତ ତାଙ୍କ ସ୍ତ୍ରୀ ଏବଂ ଶ୍ୱଶୁର ଘର ପରିବାରବର୍ଗଙ୍କ ବିରୋଧରେ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସପି ଏ ନେଇ ମାମଲା ରୁଜୁ କରିବାକୁ ନିମଖଣ୍ଡି ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନିମଖଣ୍ଡି ଥାନା ପକ୍ଷରୁ ନଂ.୩୮୦/୨୩ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।
ପ୍ରକାଶ ଯେ, ରୁବି ଚକ୍ଷୁ ଚିକିତ୍ସାଳୟ ନିକଟ ଭୈରବୀନଗରର ଶ୍ରୀବନ୍ତ ୨୦୧୫ରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ବିବାହ କରିଥିଲେ। ଶ୍ରୀବନ୍ତ ସ୍ତ୍ରୀଙ୍କୁ ତାଙ୍କର ଏଟିଏମ କାର୍ଡ ଦେଇ ନିଜ ପରିବାରବର୍ଗଙ୍କ ପାଖରେ ଛାଡ଼ି କାମ ପାଇଁ ମାଳଦୀପ ଚାଲିଯାଇଥିଲେ। ସେଠାରୁ ସେ ଯେଉଁ ଟଙ୍କା ପଠାଉଥିଲେ ସ୍ତ୍ରୀ ତାହାକୁ ଶ୍ୱଶୁରଘର ଲୋକଙ୍କୁ ଦେଉ ନ ଥିଲେ। ତଥାପି ସ୍ତ୍ରୀ'ଙ୍କ ନାମରେ ଶ୍ରୀବନ୍ତ ଏକ ପ୍ଲଟ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଠାରେ କିଣିଥିଲେ। କିନ୍ତୁ ସ୍ତ୍ରୀ ନିଜ ଶ୍ୱଶୁର ଘରେ ନରହି ଭୁବନେଶ୍ୱରରେ ରହି ଚାକିରି କରିବାକୁ ଜିଦ କରିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗତ ଅଗଷ୍ଟ ୭ରେ ଶ୍ୱଶୁର ଘର ଲୋକେ ଶ୍ରୀବନ୍ତଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ସ୍ତ୍ରୀଙ୍କ ଭରଣପୋଷଣ ପାଇଁ ୨୦ଲକ୍ଷ ଟଙ୍କା ଦାବି କରିଥିଲେ। ୨ମାସ ମଧ୍ୟରେ ଏହି ଟଙ୍କା ନଦେଲେ ଶ୍ରୀବନ୍ତଙ୍କ ବିରୋଧରେ ମିଛ ମକଦ୍ଦମା କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦେଇଥିଲେ।

# କମାପଲ୍ଲୀ ଛକରେ ଭାଜପାର ବିକ୍ଷୋଭ




କମାପଲ୍ଲୀ ଛକରେ ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୧୧।୧୨(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ବ୍ରହ୍ମପୁର କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଭ୍ରଷ୍ଟ ଅବକାରୀ ନୀତିରୁ କୁଖ୍ୟାତ ମଦ ମାଫିଆମାନେ ଓଡ଼ିଶାକୁ ଭୂ-ସ୍ୱର୍ଗରେ ପରିଣତ କରିଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରି ଶହ ଶହ କୋଟିର କଳାଧନ ଜବତ କରିଥିବା ବେଳେ ବିଜେଡି ସରକାର କିଭଳି ଜାଣିପାରିନଥିଲେ ବୋଲି ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ଝାଡ଼ଖଣ୍ଡର ମଦ ବେପାରୀ ତଥା କଂଗ୍ରେସ ରାଜ୍ୟସଭା ସଦସ୍ୟ ଧିରଜ ସାହୁଙ୍କ କୁଶପୁତ୍ତଳିକା ପୋଡ଼ା ଯାଇଥିଲା। ଭାଜପା ଜିଲା ସଭାପତି ଡ଼ା. ସୁବାସ ସାହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପୂର୍ବତନ ସଭାପତି ବିଭୂତି ଭୂଷଣ ଜେନା ଓ କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ଉପସଭାପତି ସୁନିଲ ସାହୁ, ରାମ କୁମାର ପାତ୍ର, ପରେଶ ରଥ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଜିଲା ସମ୍ପାଦକ ମୋହନ ଦାସ, ସୁଶିଳ ମଲିକ, ଯୁବମୋର୍ଚ୍ଚା ନେତା ଶିବ ଶଙ୍କର ନାୟକ, ତୁତୁନ ପାତ୍ର, କେ. ଚନ୍ଦ୍ରଶେଖର ଦାସ ପ୍ରମୁଖ ପ୍ରତିବାଦ ସମାବେଶରେ ସରକାରଙ୍କ ଉପରେ ବର୍ଷିଥିଲେ। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସାଧାରଣ ସମ୍ପାଦିକା ବିଦ୍ୟୁସ୍ମିତା ପାଳଙ୍କ ସମେତ ଅନେକ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ଗୀତା ଜ୍ଞାନଯଜ୍ଞ ସମାବେଶ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଆଶ୍ରମର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୧୧।୧୨ (ସ୍ମୃତି ରଞ୍ଜନ ମହାଲିକ)

ଚିନ୍ମୟ ମିଶନ ଆନୁକୂଲ୍ୟରେ ଆସନ୍ତା ୧୪ରୁ ୧୯ ତାରିଖ ଯାଏଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ସୋମବାର ବସନ୍ତ ବିହାର ସ୍ଥିତ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସଦାଶିବାନନ୍ଦଜୀ ମହାରାଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଅତିଥି ରୂପେ ଯୋଗ ଦେଇଥିଲେ। ଆସନ୍ତା ଗୀତା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ରାଜା ଦିବ୍ୟସିଂହ ଦେବ ଯୋଗ ଦେଇ ଉଦ୍‌ଘାଟନ କରିବେ। ଚିନ୍ମୟ ମିଶନ କୋଏମ୍ବାଟୁର ଆଶ୍ରମର ଆଚାର୍ଯ୍ୟ ବିମଳାନନ୍ଦଜୀ ଓ ବିଶାଖାପାଟଣା ଆଶ୍ରମର ଆଚାର୍ଯ୍ୟ ରଘୁବୀରାନନ୍ଦଜୀ ପ୍ରବଚକ ରୂପେ ଯୋଗ ଦେବେ। ଏଥିରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମଣିଷ ଜୀବନରେ ପ୍ରକୃତ ମହତ୍ୱ ସମ୍ପର୍କରେ ଅବଗତ କରାଇବା ଗୀତା ଜ୍ଞାନ ଯଜ୍ଞ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆଶ୍ରମ ମୁଖ୍ୟ ସଦାଶିବାନନ୍ଦଜୀ ମହାରାଜ କହିଛନ୍ତି। ଇଂ. ଜଗନ୍ନାଥ ପାଢ଼ି, ପୁରୀ ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲ ଅଧକ୍ଷ ଡ. ସୂର୍ଯ୍ୟ ନାରାୟଣ ଧୀର ଓ ଡ. ତାରାପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଅପହୃତ ନାବାଳିକା ଉଦ୍ଧାର, ରେଳଷ୍ଟେଶନରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଣିନୂଆଗାଁ ପୋଲିସ ସୋମବାର ସକାଳେ ବ୍ରହ୍ମପୁର ରେଳଷ୍ଟେଶନରୁ ଜଣେ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତଙ୍କୁ ମଧ୍ୟ ସେଠାରୁ କାବୁ କରିଛି। ଉଭୟଙ୍କୁ ଥାନାକୁ ଆଣି ଡାକ୍ତରୀମାଇନା ପାଇଁ ମେଡିକାଲ ପଠାଯାଇଥିଲା। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ପୋଲିସ ନଂ.୨୮୩/୨୩ରେ ଏକ ବଳାତ୍କାର ମାମଲା ରୁଜୁ କରିଛି। ପରେ କୋର୍ଟରେ ପୀଡିତାଙ୍କ ଧାରା ୧୬୪ ଅନୁଯାୟୀ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ବଳିଆ ସାସମାଲ (୨୨)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟପଟେ କୋର୍ଟରେ ନାବାଳିକା ଜଣଙ୍କ ତାଙ୍କ ଘରକୁ ଯିବାକୁ ମନା କରିଥିଲେ ।
କୋର୍ଟ ନିର୍ଦ୍ଦେଶ ପ୍ରକାରେ ତାଙ୍କୁ ଗୋସାଣିନୂଆଗାଁରେ ଥିବା ଉତ୍କଳ ବାଳାଶ୍ରମରେ ରଖାଯାଇଛି। ଗଣେଶ ପୂଜା ସମୟରେ ନାବାଳିକାଙ୍କୁ ବଳିଆ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବଳାତ୍କାର କରିଥିବା ନାବାଳିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପୋଲିସ ବଳିଆଙ୍କୁ ଖୋଜାଖୋଜି କରିଥିଲା। ସେ କେରଳ ପଳାଇଥିବା ବେଳେ ବିଭିନ୍ନ ଜାଗା ବଦଳାଉଥିଲେ । ଭଉଣୀ ବାହାଘର ଥିବାରୁ ନାବାଳିକା ଜଣଙ୍କ ବ୍ରହ୍ମପୁର ଫେରିଥିଲେ। ତାଙ୍କ ସାଙ୍ଗରେ ଅପହରଣକାରୀ ବଳିଆ ବ୍ରହ୍ମପୁର ଆସୁଥିବା ପୋଲିସ ସୁରାକ ପାଇଥିଲା। ବ୍ରହ୍ମପୁର ଷ୍ଟେଶନରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ବଳିଆଙ୍କୁ କାବୁ କରିଥିଲା।

# ମାନବାଧିକାର ଦିବସ ପାଳିତ

ବ୍ରହ୍ମପୁର,୧୧।୧୨ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଇତିହାସ ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ସଦାନନ୍ଦ ନାୟକ ଅଧକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡଃ ରାଜେଶ ସେଠ୍ ସଂଯୋଜନା କରିଥିଲେ। ଅତିଥିମାନେ ମାନବିକ ଅଧିକାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ଼.ଶାରଦା ପ୍ରସନ୍ନ ରାଉତ ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାନାନ୍ତରଣ କାରଣରୁ ମାନବିକ ଅଧିକାରର ଉଦୀୟମାନ ପ୍ରସଙ୍ଗଗୁଡ଼ିକ ଉପରେ ମତ ପ୍ରଦାନ କରିଥିଲେ। ସେହିପରି ଅଧ୍ୟାପକ ସଞ୍ଜୟ ମେହେର ଅଧ୍ୟାପିକା ଡଃ କିର୍ତ୍ତୀମୟୀ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ, ଇତିହାସ ବିଭାଗର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜେଲ ଫେରନ୍ତାଙ୍କୁ ଗୋଡ଼ାଇ ହାଣିଲେ

ବ୍ରହ୍ମପୁର,୧୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ପ୍ରେମନଗର ୭ମ ଲାଇନ୍‌ରେ ରବିବାର ରାତିରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ଗୋଡାଇ ଗୋଡାଇ ହାଣିବାରୁ ସେ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣଙ୍କ ହେଲେ ଗାନ୍ଧୀନଗର ୩ୟ ଲାଇନ୍‌ର ସର୍ବେଶ୍ୱର ଦାସ ଓରଫ ବୁଢ଼ା। ବୁଢ଼ା କିଛିଦିନ ତଳେ ଜେଲରୁ ଆସିଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି। ଭାଇଙ୍କଠାରୁ ୩ଭରି ଓଜନର ସୁନା ଚେନ ଓ ୨୨୦୦ ଟଙ୍କା ମଧ ଲୁଟ ହୋଇଥିବା ନେଇ ସର୍ବେଶ୍ୱରଙ୍କ ଭଉଣୀ ଗୀତାଞ୍ଜଳି ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୁରଭିର ୨୪ତମ ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୧।୧୨ (ସ୍ମୃତି ରଞ୍ଜନ ମହାଲିକ)

ସୁରଭି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୨୪ତମ ପ୍ରତିଷ୍ଠା ଦିବସ ରବିବାର ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧକ୍ଷ ସୁବାଷ ମହାରଣା ଓ ଖଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମାଜସେବୀ ରାଜେନ୍ଦ୍ର କୁମାର ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ସଭାନେତ୍ରୀ ଉଷାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦିକା ସୀମା ଚୌଧୁରୀ, ସହ ସମ୍ପାଦିକା ପୁଷ୍ପାଞ୍ଜଳି ମହାପାତ୍ର ଓ ଅନୁଷ୍ଠାନର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରେଡ୍ ୟୁନିୟନ ସେଣ୍ଟର ଅଫ୍ ଇଣ୍ଡିଆର ରାଜ୍ୟ ସମ୍ମିଳନୀ

ବ୍ରହ୍ମପୁର,୧୧।୧୨ (ସ୍ମୃତି ରଞ୍ଜନ ମହାଲିକ)

ଟ୍ରେଡ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆର ୨ ଦିନିଆ ୬ଷ୍ଠ ରାଜ୍ୟ ସମ୍ମିଳନୀ ସୋମବାର ଏନଜିଓ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସର୍ବଭାରତୀୟ ସଂଯୋଜକ ଆର. ମାନସାୟା ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରି ହିନ୍ଦୁତ୍ୱ ଫାସିବାଦ ବିରୋଧରେ ସଂଘର୍ଷ କରି ଶ୍ରମିକଙ୍କ ଅଧିକାର ପାଇଁ ସାମାଜିକ ଓ ରାଜନୈତିକ ଲଢେଇ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ।
ସିପିଆଇ(ଏମ) ରେଡ ଷ୍ଟାର ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, କେ. ସୁବ୍ରମଣ୍ୟମ ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ଆଇଏଫଟିୟୁର ରାଜ୍ୟ ନେତା ପ୍ରତାପ ପ୍ରଧାନ, ଓଡିଶା ଏମ୍‌ଜିଏନଆର୍‌ଇଜିଏସ୍



ସମ୍ମିଳନୀରେ ଉପସ୍ଥିତ ସଂଘର କର୍ମକର୍ତ୍ତା ବୃନ୍ଦ।

ଶ୍ରମିକ ୟୁନୟନ ନେତା ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକ ୟୁନିୟନର ନେତା ବିଚିତ୍ର ପାତ୍ର ଓ ଆଦିବାସୀ ଭାରତ ମହାସଭା ନେତା ଟୁନା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଛଟେଇ ନୁହେଁ, ଠିକା ନୁହେଁ, ଆଉଟସୋର୍ସିଂ ନୁହେଁ ଓ ପିପିପି ନୁହେଁ ବରଂ ସ୍ଥାୟୀ ନିଯୁକ୍ତି ଅଧିକାର ପାଇଁ ଶ୍ରମଜୀବୀ ଜନଗଣ ସଂଘର୍ଷକୁ ଆଗକୁ ନେବା ଆବଶ୍ୟକ ରହିଛି ବୋଲି ବକ୍ତାମାନେ କହିଥିଲେ। ଜାନୁୟାରୀ ୨୭ରୁ ୨୯ ତାରିଖ ଯାଏଁ ଭୁବନେଶ୍ୱରଠାରେ ହେବାକୁ ଥିବା ଟିୟୁସିଆଇର ୧୦ମ ସର୍ବଭାରତୀୟ ସମ୍ମିଳନୀରେ ୧୦ଜିଲାର ଶ୍ରମିକ ଆନ୍ଦୋଳନର ପ୍ରତିନିଧି ଓ ପର୍ଯ୍ୟବେକ୍ଷକ ଯୋଗ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଟିୟୁସିଆଇ ରାଜ୍ୟ ସଂଯୋଜକ ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

